ମା' ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟ
ସା/ପୋ.ଅ.-ଘଟଗାଁ, ଜି-କେନ୍ଦୁଝର-୭୫୮୦୨୭ (ଓଡ଼ିଶା)
ଫୋନ୍-

**MAA TARINI THAKURANI TEMPLE TRUST**
At/Po.: Ghatgaon, Dist-Keonjhar-758027 (Odisha)
Phone-

website-www.maatarini.co.in Email- maatarini.ghatgaon@gmail.com

ଚିଠି ନଂ. Letter No.: 304 ତାରିଖ Date: 05.09.2024.

## କୋଟେସନ୍ କଲ୍ ନୋଟିସ୍

ଏତଦ୍ଵାରା ଇଚ୍ଛୁକ ବ୍ୟକ୍ତି/ସଂସ୍ଥା ମାନଙ୍କୁ ଜଣାଇ ଦିଆଯାଉଅଛି କି ମା' ତାରିଣୀଙ୍କ ପୀଠରେ ନିମ୍ନଲିଖିତ କାର୍ଯ୍ୟର ବିବରଣୀ ଅନୁଯାୟୀ ତା.୦୯.୧୦.୨୦୨୪ରିଖ ଷଷ୍ଠୀ ଠାରୁ ତା.୧୪.୧୦.୨୦୨୪ରିଖ ଭସାଣୀ ପର୍ଯ୍ୟନ୍ତ ଦୁର୍ଗାପୂଜା ଉପଲକ୍ଷେ ଦୁର୍ଗା ମୂର୍ତ୍ତି, ଦୁର୍ଗା ମେଢ, ଟେଣ୍ଟ, ମାଇକ୍, ଜେନେରେଟର ଓ ଆଲୋକ ସଜ୍ଜା ଇତ୍ୟାଦି କାର୍ଯ୍ୟ ଆବଶ୍ୟକ ହେଉଅଛି । ଯାହାର ମୋଟ ନିର୍ଦ୍ଧାରିତ ମୂଲ୍ୟ ଟ.୨,୪୦,୦୦୦/- (ଦୁଇ ଲକ୍ଷ ଚାଳିଶି ହଜାର ଟଙ୍କା) ମାତ୍ର । ଏଣୁ ଇଚ୍ଛୁକ ବ୍ୟକ୍ତି/ସଂସ୍ଥା ତା.୧୧.୦୯.୨୦୨୪ରିଖ ବୁଧବାର ଦିବା ୧୧ଘଟିକା ସମୟ ମଧ୍ୟରେ ନିମ୍ନ ସାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ହୋଇ ସମସ୍ତ କାର୍ଯ୍ୟ ପାଇଁ ଗୋଟିଏ କୋଟେସନ୍ ଦାଖଲ ପୂର୍ବକ ନିମ୍ନ ଲିଖିତ ଫର୍ମରେ ଆବେଦନ କରିପାରିବେ । ଏକକ କୋଟେସନ ଗ୍ରହଣ ଯୋଗ୍ୟ ହେବ ନାହିଁ । ଅତିକମ୍‌ରେ ଅନ୍ୟୁନ ଦୁଇ ଗୋଟି କୋଟେସନ ଦାଖଲ କରିଥିଲେ ତାହା ଗ୍ରହଣ ଯୋଗ୍ୟ ହେବ । ଆବେଦନ ପତ୍ର ସହିତ ଅମାନତ ଦେୟ ବାବଦକୁ ଟ. ୨୪,୦୦୦/- (ଚବିଶି ହଜାର ଟଙ୍କା) ମାତ୍ରର ବ୍ୟାଙ୍କ ଡ୍ରାଫ୍ଟ "ମା' ତାରିଣୀ ଠାକୁରାଣୀ"ଙ୍କ ନାମେ କରି ଦାଖଲ କରିବେ । ଅମାନତ ରାଶିର ଡ୍ରାଫ୍ଟ ନଦେଇ ଆବେଦନ କଲେ ଉକ୍ତ ଦରଖାସ୍ତ ନାକଚ ହେବ । ଏହି ଅମାନତ ରାଶି କାର୍ଯ୍ୟ ସମାପ୍ତ ପରେ ଫେରସ୍ତ ଦିଆଯିବ । କୋଟେସନ୍ ସମୟରେ ପୂର୍ବରୁ ନିର୍ମାଣ କରିଥିବା ଦୁର୍ଗାଦେବୀଙ୍କ ମେଢ, ତୋରଣ ଓ ଆଲୋକ ସଜ୍ଜା ଇତ୍ୟାଦିର ଫଟୋ ପ୍ରଦାନ କରିବେ । ଏହି କୋଟେସନ୍ କଲ୍ ବିନା କାରଣରେ ନାକଚ ବା ପରିବର୍ତ୍ତନ କରାଯାଇପାରିବ । ଆବେଦନ କରିଥିବା ଦରଖାସ୍ତକାରୀଙ୍କ ମଧ୍ୟରୁ ଯାହାର ମୂଲ୍ୟ ସମସ୍ତଙ୍କ ଠାରୁ କମ୍ ହେବ ତାଙ୍କୁ କାର୍ଯ୍ୟାଦେଶ ଦିଆଯିବ ।

**କାର୍ଯ୍ୟର ବିବରଣୀ :-**

୧. ଦୁର୍ଗା ଦେବୀଙ୍କ ମୂର୍ତ୍ତି, ଦୁର୍ଗାଦେବୀଙ୍କ ମେଢ, ବାରୁଆଳୀ ଦଶ ସେଟ୍, ବାରୁଆଳୀ ଦଶ ସେଟ୍ ପାଇଁ ଟେଣ୍ଟ ଓ କପଡା ଡେକୋରେଶନ - **(୩୦ଫୁଟ୍ x ୫୦ଫୁଟ)** (ବାରୁଆଳୀ ଦଶ ସେଟ୍ ପାଇଁ ଆବଶ୍ୟକୀୟ ଗ୍ରିଡ୍, ପ୍ଲାଏ ଓ ଓ୍ଵାଟର ପମ୍ପ ଇତ୍ୟାଦି) । ବାରୁଆଳୀ ଗୁଡିକ ଗ୍ରୀଡ଼ରେ ତିଆରି ହୋଇ ପୃଥକ୍ ପୃଥକ୍ ରହିବ ପଛ ପାର୍ଶରେ ବ୍ୟାନର ଲାଗିବ ଓ ପେଭର ପାଖରୁ ୨ ଫୁଟ୍ ଉଚ୍ଚତା ଉପରେ ବାରୁଆଳୀ ରଖାଯିବ । ବାରୁଆଳୀ ଟେଣ୍ଟ ଠାରୁ ପେଭର ଶେଷ ହୋଇଥିବା ପାହାଚ ପର୍ଯ୍ୟନ୍ତ କପଡା ସିଲିଙ୍ଗ୍ କରିବେ ଓ ବାରୁଆଳୀ ଟେଣ୍ଟ ଆରମ୍ଭ ସ୍ଥାନରେ ମଜଭୁତ୍ ପାହାଚ କରିବେ ।

୨. ଯଜ୍ଞ ମଣ୍ଡପର ଚାରିପାଖ ତାରପୋଲିନ୍ ଓ ବାହାର ତିନି ପାର୍ଶ୍ଵ ଓ୍ଵାଲ୍ ଘେରାଉ । ଦୁର୍ଗା ମଣ୍ଡପ ସମ୍ମୁଖରେ ପେଭର ଶେଷ ହୋଇଥିବା ପାହାଚ ସମ୍ମୁଖରେ ଆକର୍ଷଣୀୟ ତୋରଣ ।

୩. ଆଲୋକ ସଜ୍ଜା (ତାରିଣୀ ମନ୍ଦିର/ମୁଖଶାଳା/ବେଢା/ଶିବ ମନ୍ଦିର/ଦୁଆରଶୁଣୀ ମନ୍ଦିର/ଦୁର୍ଗା ମଣ୍ଡପ ଠାରୁ ତାରିଣୀ ମନ୍ଦିର ମୁଖଶାଳା ପର୍ଯ୍ୟନ୍ତ, ପାଚେରୀ ପାର୍ଶ୍ଵରେ ଗେଟ ନ -୩ରୁ ଯୋତାଷ୍ଟାଣ୍ଡ ପର୍ଯ୍ୟନ୍ତ କୁଣ୍ଡରେ ଥିବା ଗଛ ଗୁଡିକରେ ରଙ୍ଗୀନ ପାଳକ ଲାଇଟ୍ ଲାଗିବ, ସାଂସ୍କୃତିକ ମଣ୍ଡପ ସମ୍ମୁଖରେ ଥିବା ଗଛ ଗୁଡିକରେ ରଙ୍ଗୀନ ଲିଚୁରେ ସଜ୍ଜା ଯିବ ଓ ନୃତ୍ୟ ପାଇଁ ଆବଶ୍ୟକୀୟ ଅଟୋମେଟିକ୍/ମୁଭିଙ୍ଗ୍/ରଙ୍ଗିନ୍ ଷ୍ଟେଜ୍ ଲାଇଟ୍) । ଗେଟ୍ ନଂ-୩ ସମ୍ମୁଖରେ ମେନ୍ ରୋଡ୍ ଉପରେ ଏକ ଲାଇଟ୍ ଗେଟ୍ ।

୪. ଭଲ ମାଇକ୍ ସେଟ୍, ଜେନେରେଟର ଓ ଆବଶ୍ୟକୀୟ ଅନ୍ୟାନ୍ୟ ଲାଇଟ୍ ବ୍ୟବସ୍ଥା ।

୫. ପାଲା/ଭଜନ ପେଣ୍ଡାଲ୍- (୩୦ଫୁଟ x ୨୦ଫୁଟ, ତଳୁ ଉଚ୍ଚତା-୫ଫୁଟ୍ ଓ ପେଣ୍ଡାଲରୁ ଉପରକୁ ଉଚ୍ଚତା ୧୨ଫୁଟ୍) 19mm ପ୍ଲାଏବୋର୍ଡ ଚଟାଣ, ଦୀପଷ୍ଟାଣ୍ଡ୍ ଓ ପେଣ୍ଡାଲ୍ ଦୁଇ ପାର୍ଶ୍ଵରେ ଗ୍ରୀନ୍‌ରୁମ୍ ସହିତ ସିଡି କରିବେ ।

୬. ପାଲା ଓ ଭଜନ ପେଣ୍ଡାଲ ସମ୍ମୁଖରେ ତାରପୋଲିନ ଛାଉଣୀ, କପଡା ସିଲିଙ୍ଗ୍ ଓ ଚାରିପାଖ ଝାଲେରୀ ସଜ୍ଜା-(୫୦ଫୁଟ x ୧୨୦ ଫୁଟ୍) ।

୭. ପ୍ଲାଷ୍ଟିକ ଚେୟାର ୬୦୦ଗୋଟା, ଷ୍ଟିଲ୍ ଗଦି ଥିବା ଚେୟାର୍ ୧୦୦ଗୋଟା ପେଣ୍ଡାଲ୍ ଓ ଅତିଥିମାନଙ୍କ ବସିବା ସ୍ଥାନ ପାଇଁ ଆବଶ୍ୟକୀୟ ମ୍ୟାଟ୍ । ଦର୍ଶକ ଓ ଅତିଥିମାନଙ୍କ ବସିବା ସ୍ଥାନ ମଝିରେ ତଥା ଦୁଇ ପାର୍ଶ୍ଵରେ ବ୍ୟାରିକେଡ୍ ସହିତ କପଡା ଓ୍ଵାଲିଙ୍ଗ୍ । ଏକ ରଙ୍ଗର ଚେୟାର୍ ଦେବେ, ଭଙ୍ଗା ଚେୟାର୍ ଗ୍ରହଣ ହେବ ନାହିଁ । ଆବଶ୍ୟକୀୟ ରୋଷେଇ ଉପକରଣ (ଡିସ୍, କଡେଇ, ଟବ୍,ବାଲ୍‌ଟି, ଡଙ୍କି, ପନିକି, ଚଟ, ଦରି ଇତ୍ୟାଦି ଯୋଗାଇବେ ।

୮. କାର୍ଯ୍ୟରେ ଅବହେଳା କାରଣରୁ ପୂର୍ବରୁ ନିଷେଧ କରାଯାଇଥିବା ଟେଣ୍ଟ ମାଲିକ ମାନେ ଏହି କୋଟେସନ୍‌ରେ ଆବେଦନ କରିପାରିବେ ନାହିଁ ।

୯. ଅନ୍ୟାନ୍ୟ ଜରୁରୀ ଆବଶ୍ୟକତା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବରାଦ ମୁତାବକ ଯୋଗାଇବେ । କାର୍ଯ୍ୟରେ ଅବହେଳା କଲେ ନିର୍ଦ୍ଧାରିତ ମୂଲ୍ୟରୁ ଅର୍ଥ କଟାଯିବ । ଭସାଣୀର ୨ଦିନ ମଧ୍ୟରେ ପ୍ରଥମେ ପାଲା ଓ ଭଜନ ସ୍ଥାନରୁ ଟେଣ୍ଟ ଜିନିଷ ଓ ଅନ୍ୟାନ୍ୟ ଜିନିଷ ଖାଲି କରିବେ । ତାପରେ ୩ଦିନ ମଧ୍ୟରେ ଦୁର୍ଗାମଣ୍ଡପର ଟେଣ୍ଟ ଜିନିଷ ଓ ଅନ୍ୟାନ୍ୟ ଜିନିଷ ଖାଲି କରିବେ । ସମସ୍ତ ଜିନିଷ ଖାଲି କରିବା ପରେ ଅମାନତ ରାଶି ଫେରସ୍ତ ପାଇଁ ଆବେଦନ କରିବେ । ନଚେତ ଅମାନତ ରାଶି ବ୍ୟାଜାପ୍ତି କରାଯିବ ।

***ଆବେଦନ ଫର୍ମ (A4 ସାଇଜ୍ ସାଧା କାଗଜରେ ନିମ୍ନଲିଖିତ ଅନୁଯାୟୀ ଲେଖି ବା ଟାଇପ୍ କରି ଆବେଦନ କରିବେ );-***

୧. ଆବେଦନକାରୀଙ୍କ ପୁରା ନାମ:- ୨. ଆବେଦନକାରୀଙ୍କ ପିତାଙ୍କ ନାମ:- ୩. ସଂପୂର୍ଣ୍ଣ ଠିକଣା ଓ ମୋବାଇଲ ନଂ:-

୪. ସିକ୍ୟୁରିଟି ବାବଦକୁ ବ୍ୟାଙ୍କ୍ ଡ୍ରାଫ୍ଟର ନଂ............ ତା.................. ପରିମାଣ.................... ବ୍ୟାଙ୍କର ନାମ...............................

୫. କୋଟେସନ୍ ମୂଲ୍ୟ ଅଙ୍କରେ ....................................ଅକ୍ଷରରେ ....................................

୬. ସଂପୂର୍ଣ୍ଣ ସାକ୍ଷର :-

କାର୍ଯ୍ୟନିର୍ବାହୀ ଅଧିକାରୀ
ମା' ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟ,
ଘଟଗାଁ, କେନ୍ଦୁଝର ।